# Asian School of Business Management

**NEW PAPER:** Sambad

**DATE:** 03.03.2019

**PAGE:** 18

SAMBAD
ସମ୍ବାଦ

# ଏଏସ୍‌ବିଏମ୍‌ରେ ଉଦ୍ୟୋଗ ବିକାଶ କର୍ମଶାଳା

ଭୁବନେଶ୍ୱର, ୨/୩(ଇମିସ): ଏସିଆନ ସ୍କୁଲ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟ(ଏଏସ୍‌ବିଏମ୍) ପରିସରରେ ତିନିଦିନିଆ ଉଦ୍ୟୋଗ ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ଅଫ୍ ଇଣ୍ଡିଆର ଉପ ମହାପ୍ରବନ୍ଧକ ୱାଇ.ଏନ୍ ଦ୍ୱିବେଦୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସଫଳ ଉଦ୍ୟୋଗୀ କରିବା ପାଇଁ ଉଦ୍ୟୋଗ ବିକାଶର ମୂଳ ଉପାଦାନ ଯଥା ଭୂମି, ଶ୍ରମ, ପୁଞ୍ଜି ଏବଂ ସଂଗଠନର ସଫଳ ରୂପାୟନ ନିମିତ୍ତ ବିଭିନ୍ନ ଉପାୟ ସଂପର୍କରେ ଆଲୋଚନା କରିଥିଲେ। ସେହିପରି କଠିନ ପରିଶ୍ରମ ଏବଂ ଗଭୀର ଅଧ୍ୟବସାୟ ପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଡିନ୍ ପ୍ରଫେସର କଲ୍ୟାଣଶଙ୍କର ରାୟ ସ୍ୱାଗତ ଭାଷଣ ଦେଇଥିଲେ। ବିଭିନ୍ନ ପ୍ରତିଷ୍ଠାନରୁ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ।

ଭିଲାମାଟ ଡଟ୍ କମ୍‌ର ସିଇଓ ଡ. ରମେଶ ବିଶ୍ୱାଳ, ମେରିଏକ୍ସାମ ଡଟ୍ କମ୍‌ର ସିଇଓ ସୌରଭ ମହାପାତ୍ର, ଓରିପ୍ଲାଏର ଏମ୍‌ଡି ଜୋସେଫ୍ ପ୍ରକାଶ, ସିନେଟ୍ ଆଇଟି ସଲ୍ୟୁସନ୍ ପ୍ରାଇଭେଟ୍ ଲିମିଟେଡ୍‌ର ସିଇଓ ଅଭିଷେକ ସତପଥି, ଏଡୁଫ୍ଲିକ୍‌ର ସିଇଓ ରାହୁଲ ଆନନ୍ଦ ଏବଂ ସ୍କାଇ ରାଇଡର୍‌ର ଫାଉଣ୍ଡର ଏବଂ ସିଇଓ ହିମାଂଶୁ ଶେଖର ପଣ୍ଡା ଉକ୍ତ କର୍ମଶାଳାର ବକ୍ତବ୍ୟ ରଖିଥିଲେ। ସଂଯୋଜକ ଡ. ପ୍ରକାଶ ଚନ୍ଦ୍ର ଦାଶ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସହ-ସଂଯୋଜକ ପ୍ରଫେସର ବରଦା ପ୍ରସନ୍ନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।